# Akashvani, Sambalpur

## SAMBALPURI NEWS EVENING BULLETIN

**27 December 2025- 7.02 pm- 7.12 pm.**

**********************************************

୧- ଆକାଶବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ଛୁଆମାନ୍‌କର୍ ଜିଜ୍ଞାସା ଆଉ ଗବେଷଣାତ୍ମକ ମନୋଭାବ୍‌କେ ଜୋର୍ ଦିଆଯିବାର୍ ଦର୍‌କାର୍- କହେଲେ ମୁଖ୍ୟମନ୍ତ୍ରୀ ।

- କେନ୍ଦୁଝର୍ ଠାନେ ରାଜ୍ୟସ୍ତରୀୟ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀକେ କଲେ ଉଦ୍‌ଘାଟନ୍ ।

୩- ୩ ଦିନିଆ ଓଡ଼ିଶା ଗସ୍ତଥି ଆସିଛନ୍ ଭାରତ୍‌ର ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ଜ୍ଞାନେଶ୍ କୁମାର୍ ।

ଆଉର୍

୪- ବୁର୍ଲା ଭିମ୍‌ସାର୍ ନ ଫେର୍‌ଘାଏ ମୁଲ୍ ହେବା ଏମ୍‌ଆର୍‌ଆଇ ସେବା- ଉଦ୍‌ଘାଟନ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ମନ୍ କି ବାତ୍        ଆର୍ଏନ୍ୟୁ/ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ବୈଜ୍ଞାନିକ୍ ପ୍ରକଳ୍ପ- ମୁଖ୍ୟମନ୍ତ୍ରୀ       ଭୁବ୍ନେଶ୍ୱର୍/କେନ୍ଦୁଝର୍

ଛାତ୍ରଛାତ୍ରୀମାନ୍କର୍ ସୃଜନ୍ଶୀଳତାର୍ ବିକାଶ୍ ଦିଗେ ବିଜ୍ଞାନ୍ ପ୍ରଦର୍ଶନୀ ପ୍ରକଳ୍ପ ସୁଯୋଗ୍ ସୃଷ୍ଟି କର୍ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍ ନ ଥିବା ଡିଏନ୍

ହାଇସ୍କୁଲ୍ ପଡ଼ିଆ ନ ହେଇଥିବା ୫୨ ନମ୍ବର୍ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ୍-୨୦୨୫ କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ଛାତ୍ରଛାତ୍ରୀମାନେ ଆଏବା ଦିନେ ବୈଜ୍ଞାନିକ୍ ହେଇକରି ନୂଆଁନୂଆଁ ଜ୍ଞାନ୍‌କୌଶଲ୍ ଉଭାବନ୍ କର୍‌ବାର୍ ସହେତେ ଦେଶ୍‌କେ ଆତ୍ମନିର୍ଭର୍ କର୍‌ବେ । ଛୁଆମାନ୍‌କର୍ ଜିଜ୍ଞାସା ଆଉ ଗବେଷଣାତ୍ମକ୍ ମନୋଭାବ୍‌କେ ଗୁରୁତ୍ୱ ଦିଆଯିବାର୍ କଥା । ପଢ଼ାବହି ଛଡ଼ା ଡିଜିଟାଲ୍ ଲାଇବ୍ରେରୀ ଆଉ ଭିନ୍ ଭିନ୍ ଅନ୍‌ଲାଇନ୍ ଜରିଏ ନୂଆଁ ନୂଆଁ ତଥ୍ୟ ଆଉ ଜ୍ଞାନ୍ ମିଳିପାରୁଛେ । ଇତାକେ ଉପଯୋଗ୍ କରିକରି ଛାତ୍ରଛାତ୍ରୀମାନ୍‌କୁ ଗବେଷଣା ମନୋଭାବ୍ ରଖ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ସାରା ରାଏଜ୍‌ରୁ ୨ ଶହ ୧୦ ଟା ବିଜ୍ଞାନ୍ ପ୍ରଦର୍ଶନୀ ପ୍ରକଳ୍ପ ଇନ ପ୍ରଦର୍ଶିତ୍ ହେଉଛେ ।

## ସିଇସି ଓଡ଼ିଶା ଗସ୍ତ I&PR

ଭାରତ୍‌ର ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ଜ୍ଞାନେଶ୍ କୁମାର୍ ଆଏଜ୍‌ଠାନୁ ୩ ଦିନିଆ ଓଡ଼ିଶା ଗସ୍ତଥି ଆସିଛନ୍ । ଭୁବ୍‌ନେଶ୍ୱର୍ ନ ପୁହୁଁଚିବାର୍ ଉତ୍‌ରୁ ଶ୍ରୀ କୁମାର୍ ପୁରୀ ଯାଇକରି ମାହାପୁରୁଙ୍କର୍ ଦର୍ଶନ୍ କରିଛନ୍ । ଦର୍ଶନ୍ କର୍‌ବାର୍ ଉତ୍‌ରୁ ଶ୍ରୀ କୁମାର୍ ଗଣମାଧ୍ୟମ୍‌କେ କହିଛନ୍,

(ଭଏସ୍ ଓଭର୍- ଜ୍ଞାନେଶ୍ କୁମାର୍)

ଶ୍ରୀ କୁମାର୍ ତାର୍ ଉତ୍ରୁ ଉପର୍ବେଲା ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର୍କେ ପରିଦର୍ଶନ୍ କରିଥିଲେ । ଇ ଅବ୍ସରେ ଶ୍ରୀକୁମାର୍ କହିଛନ୍, କୋଣାର୍କ ସୂର୍ଯ୍ୟମନ୍ଦିର୍ ଖାଲି ଓଡ଼ିଶାର୍ ନୁହେଁ, ଇଟା ସାରା ଦେଶର୍ ମାନ୍ ଆଉ ସମ୍ମାନ୍ ଆଏ । ଶ୍ରୀ କୁମାର୍ ଗସ୍ତ ଅବ୍ସରେ ସୋମ୍ବାର୍ ଦିନ ଉପର୍ବେଲା କୃଷି ଆଉ ବୈଷୟିକ୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ନ ହେବାର୍କେ ଥିବା ବୁଥ୍ସ୍ତରୀୟ ଅଧିକାରୀମାନ୍କର୍ ବୈଠକ୍ଥି ଅଧକ୍ଷତା କର୍ବେ ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ବସ୍ ସେବା ଆର୍ଏନ୍ୟୁ/ ସମ୍ବଲପୁର

ରାଏକେ ଖୋବ୍ ଜଲ୍ଦି ମୁଖ୍ୟମନ୍ତ୍ରୀ ବସ୍ ସେବା -ଏମ୍ବିଏସ୍ ଯୋଜ୍ନା ଲାଗୁ ହେବା ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ସୂଚ୍ନା ଦେଇଛନ୍ । ଇ ବାବ୍ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ସହେତେ ଆଲୋଚନା ସରିଛେ । ୧ ହଜାର୍ ୪ ଶହ ୨୨ ଟା ବସ୍ ଥି ସ୍କୁଲ୍ ଛୁଆମାନେ ମାହାଲିଆ ବସ୍ ସେବା ପାଇପାର୍ବେ । ସାଧାରଣ୍ ଆଉ ଏସି ବସ୍ ଥି ଇ ସେବା ମିଲିପାର୍ବା । ବିଦ୍ୟାଳୟ ଦୂର୍ ପଡୁଥିବାର୍ନୁ ଅଧା ନୁ ପାଠ୍ ଛାଡୁଥିବା ଛାତ୍ରଛାତ୍ରୀ

ମାନ୍‌କର୍ ହାରକେ କମ୍ କର୍‌ବାର୍ ଲାଗି ସର୍‌କାର୍ ଇ ଲକ୍ଷ୍ୟ ନେଇଛନ୍ ।

ଇ-ଚାଲାନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଏତ୍‌କର ଅନ୍‌ଲାଇନ୍ ସହେତେ ଅଫ୍‌ଲାଇନ୍‌ଥି ଭିଲ୍ ଇ-ଚାଲାଣ୍ ଭରି ହେବା ବଲି ପରିବହନ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ସାଧାରଣ୍ ଲୁକ୍‌କର୍ ସୁବିଧାର୍ ଲାଗି ନଗଦ୍ ଟଙ୍କା ଗ୍ରହଣ୍ କର୍‌ବାର୍‌କେ ଆଂଚଲିକ୍ ପରିବହନ୍ ଅଧିକାରୀ ଆର୍‌ଟିଓ ମାନ୍‌କୁ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇଥିର୍‌ଲାଗି ଆଂଚଲିକ୍ ପରିବହନ୍ କାର୍ଯ୍ୟାଳୟ ନ ଖାସ୍ ଭାବେ ଅଧିକାରୀମାନ୍‌କୁ ଦାୟିତ୍ୱ ଦିଆଯିବା । ମୋବାଇଲ୍ ନମ୍ବର୍ ସଠିକ୍ ନାଇଁଥିବା ଲାଗି ଓଟିପି ନାଇଁ ପାଉଥିବା ଗାଡ଼ି ମାଲିକ୍ ଆଉ ଇଂଟର୍‌ନେଟ୍ ସେବା ଦୁର୍ବଲ୍ ଥିବା ଇଲାକାମାନ୍‌କେ ଲୋକ୍‌ମାନ୍‌କର୍ ଲାଗି ଇ ନିଷ୍ପତି ସାହାଜ୍ କର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପ୍ରଦୂଷଣ୍ ପ୍ରମାଣ୍‌ପତ୍ରଆର୍‌ଏନ୍‌ୟୁ/ କଟକ୍

ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ଥିବା ଗାଡ଼ିଥି ଶାଗୁଆ ଷ୍ଟିକର୍ ଲଗାଯିବା ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ସୂଚ୍‌ନା

ଦେଇଛନ୍ । ବିଭାଗ୍ ତର୍ଫୁ ଇ ଷ୍ଟିକର୍ ଯୁଗେଇ ଦିଆଯିବା । ପ୍ରଦୂଷଣ୍ ପ୍ରମାଣ୍ପତ୍ର ନାଇଁଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ କହିଛନ୍ । ନୂଆଁ ଆଉ ପୁର୍ନା ଦୁହି ଗାଡ଼ି ମାନ୍କୁ ସମାନ୍ ପ୍ରଦୂଷଣ୍ ପ୍ରମାଣ୍ପତ୍ର ମିଲୁଥିବାର୍ ଅଭିଯୋଗ୍ ଆସ୍ବାର୍ନୁ ଇ ବାବ୍ଦେ ତର୍ଜମା କରାଯାଉଛେ । ସଡ଼କ୍ ସୁରକ୍ଷା ମାସ୍କେ ନଜର୍ଥି ରଖିକରି ପ୍ରଦୂଷଣ୍ ପ୍ରମାଣ୍ପତ୍ର ଅଭିଯାନ୍କେ କୋହଲ୍ କରାଯାଇଛେ । ୨୦୧୯ ମସିହାଥି ବଢ଼ିଥିବା ଜରିମାନାକେ କୋହଲ୍ କର୍ବାର୍ ବାବ୍ଦେ ତର୍ଜମା କରାଯବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ସାଧାରଣ୍ତନ୍ତ୍ର ଦିବସ୍ ଶିବିର I&PR

ନୂଆଦିଲ୍ଲୀ ନ ଆଏଜ୍ଠାନୁ ଜାନୁଆରୀ ୨୯ ତାରିଖ୍ତକ୍ ଏନ୍ସିସି ତର୍ଫୁ ହେବାର୍କେ ଥିବା ସାଧାରଣ୍ତନ୍ତ୍ର ଦିବସ୍ ଶିବିର୍ଥି ଯୋଗ୍ ଦେବାର୍ ଲାଗି ଓଡ଼ିଶାର୍ ଶହେ ୨୭ ଝନ୍ କେଡେଟ୍ ବଛା ହେଇଛନ୍ । ରାଏଜୁ ବଛା ହେଇଥିବା ଶହେ ୨୭ ଝନ୍ କେଡ଼େଟ୍ ଆଉ ୧୦ ଝନ୍ ସପୋଟିଙ୍ଗ୍ ଷ୍ଟାଫ୍ ଆଏଜ୍ ନୂଆଦିଲ୍ଲୀକେ ଯାତ୍ରା କରିଛନ୍ । କେଡ଼େଟ୍ମାନେ ସେନ ହେବାର୍କେ ଥିବା ସାଧାରଣ୍ତନ୍ତ୍ର ଦିବସ୍ ପରେଡ୍ ଆଉ ଏନ୍ସିସି ପିଏମ୍ ରେଲିଥି ଓଡ଼ିଶାର୍ ପ୍ରତିନିଧିତ୍ୱ କର୍ବେ ।

ବୁର୍ଲା -ଏସ୍ଏନ୍ସିୟୁ କୋଠା ଉଦ୍ଘାଟିତ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ର ବୁର୍ଲା ଭୀମ୍ସାର୍ ଠାନେ ଅତ୍ୟାଧୁନିକ୍ ଟେସ୍ଲା ଏମ୍ଆର୍ଆଇ ମେସିନ୍ ଆଉ ନୂଆଁ ଏସ୍ଏନ୍ସିୟୁ କୋଠା ଉଦ୍ଘାଟିତ୍ ହେଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଇତାକେ ଉଦ୍ଘାଟନ୍ କରିଛନ୍ । ୩୧ ଲାଖ୍ ଟଙ୍କାର୍ ଇ ଅତ୍ୟାଧୁନିକ୍ ଏମ୍ଆର୍ଆଇ ମିସିନ୍ଥି ଉଚ୍ଚକ୍ଷମତା ସମ୍ପନ୍ନ ସରଞ୍ଜାମ୍ ଲାଗିଛେ । ସେନ୍ତା ୬ ମହଲାର୍ ଏସ୍ଏନ୍ସିୟୁ କୋଠାର୍ ୫ କୋଟି ୧୨ ଲାଖ୍ ୬୫ ହଜାର୍ ଟଙ୍କାଥି ତିଆର୍ ହେଇଛେ । ଇ କୋଠାଥି ନୂଆଁ ଏସ୍ଏନ୍ସିୟୁ ଅତ୍ୟାଧୁନିକ୍ ୮୦ ଟା ବେଡ୍ ରହିଛେ । ଆଏଜ୍ଠାନୁ ଫେର୍ଘାଏ ଭିମ୍ସାର୍ ନ ଏମ୍ଆର୍ଆଇ ସେବା ମୁଲ୍ ହେଇଛେ । ଇ ଅବ୍ସରେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ଆଉ ସମ୍ବଲ୍ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଉପସ୍ଥିତ୍ ଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍-ପ୍ରକଳ୍ପ ଉଦ୍ଘାଟନ୍/ଆର୍ଏନ୍ୟୁ/ସମ୍ବଲପୁର/ଏକ୍ସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ରାଉର୍‌କେଲା ଏନ୍‌ଆଇଟି ପରିସର୍ ନ ୨ ଶହ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ଭିନ୍ ଭିନ୍ ବିକାଶ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ । ଶ୍ରୀ ପ୍ରଧାନ୍, ୩୫ କୋଟି ଟଙ୍କା ଖର୍ଚ୍ଚାଥି ନୂଆଁକରି ତିଆର୍ ହେଇଥିବା ଇଡ୍‌ଡୋର୍ ସ୍ପୋର୍ଟସ୍ କମ୍ପ୍ଲେକ୍ସର ଉଦ୍‌ଘାଟନ୍ କରିଛନ୍ । ଇଥି ବେଡ୍‌ମିଂଟନ୍ କୋର୍ଟ ଥିବା ବହୁମୁଖୀ ସଭାଗୃହ, ଓପନ୍‌ଏୟାର୍ ଥିଏଟର୍ ଆଉ ଆନୁସଙ୍ଗିକ ସୁବିଧା ରହିଛେ । ଛାତ୍ରଛାତ୍ରୀମାନ୍‌କୁ ଇଟା ଖାଲି ଖେଲ୍ କ୍ଷେତ୍ରଥି ନୁହେଁ, ସୃଜନଶୀଳତା ଆଉ ସାଂସ୍କୃତିକ୍ କ୍ଷେତ୍ରଥି ଭିଲ୍ ନୂଆଁ ଶିଗ୍ କେ ପୁହୁଁଚାବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ରତ୍ନଭଣ୍ଡାର୍ ଗନ୍ତି        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଅଲ୍‌ଙ୍କାର୍‌ର ଗନ୍ତିମନ୍ତିକେ ନେଇକରି ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ନ ଗୁଟେ ଜରୁରୀ ବୈଠକ୍ ଚାଲିଛେ । ଜଷ୍ଟିସ୍ ବିଶ୍ୱନାଥ ରଥଙ୍କର୍ ଅଧ୍ୟକ୍ଷତାଥି ଇ ବୈଠକ୍ ଚାଲିଥିବାର୍ ବେଲେ ରତ୍ନ ଅଲଙ୍କାର୍‌ର ଗନ୍ତିମନ୍ତିକେ ନେଇକରି ମାର୍ଗଦର୍ଶିକାର୍ ଚିଠା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଉଛେ । ଗଲାକାଏଲ୍ ଶ୍ରୀମନ୍ଦିର୍ ବିଧି ସବ୍‌କମିଟି ବୈଠକ୍‌ଥି ତିଆର୍ ହେଇଥିବା ମାର୍ଗଦର୍ଶିକା ଆଏଜ୍ କମିଟିର୍ ବୈଠକ୍‌ଥି ଉପସ୍ଥାପିତ୍ ହେବା ।

ଧନୁଯାତ୍ରା ବର୍ଗଡ୍ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ବର୍ଗଡ୍ ଧନୁଯାତ୍ରାଥି ଆଏଜ୍ ୪ ନମ୍ବର୍ ଦିନେ ଗୋପପୁର ନ ଶ୍ରୀକୃଷ୍ଣ ବାଲ୍ୟଲୀଳା, କଂସ ପ୍ରେରିତ ପୁତନା, ବକା, ସକଟା, ତୃଣା, ଧେନୁ, ଷଣ୍ଢାସୁରଙ୍କର୍ ବଧ ଆଉ ନନ୍ଦୋତ୍ସବ୍ ହେବା । ମଥୁରା ନଗରୀ ନ ବାଣାସୁର ପରାଜୟ, ଷଡ଼୍‌ମଲ୍ଲଙ୍କର୍ ମୃତ୍ୟୁ ଖବର୍ ପାଇକରି କଂସର ଶୋକ, ରାଣୀ ପଦ୍ମାବତୀଙ୍କର୍ ଧନୁଶ୍ରୀ ଉଷା ଲାଗି ପ୍ରସ୍ତୁତି ଆଉ କଂସଙ୍କର୍ ତର୍ଫୁ ମୁକ୍ତେଶ୍ୱର୍ ବାବାଙ୍କର୍ ରୁଦ୍ରାଭିଷେକ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯିବା । ଇ ବାବ୍‌ଦେ ଆମର୍ ସମ୍ବାଦଦାତାଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବର୍ଗଡ୍ ସମ୍ବାଦଦାତା)

ମହାମାରି ପ୍ରସ୍ତୁତି ଦିବସ୍ ଆର୍ଏନ୍‌ୟୁ/ ସମ୍ବଲପୁର

ସ୍ୱାସ୍ଥ୍ୟ ସଂକଟ୍‌ର ମୁକାବିଲା କ୍ଷେତ୍ରଥି ଶିକ୍ଷା ଆଉ ସଚେତନତା ବଢ଼ାବାର୍‌କେ ନେଇକରି ଆଏଜ୍ ମହାମାରି ପ୍ରସ୍ତୁତି ଲାଗି ଅନ୍ତର୍ଜାତୀୟ ଦିବସ୍ ପାଲନ୍ କରାଯାଉଛେ । ଜାତିସଂଘର୍ ସାଧାରଣ୍ ସଭାଥି ଆଝିରର୍ ଦିନେ ୨୦୨୦ ମସିହାଥି ଇ ଦିବସ୍ ପାଲନ୍ ଲାଗି ନିଷ୍ପତି ହେଇଥିଲା । କୋଭିଡ୍- ୧୯

ମହାମାରି ଲାଗି ପୁର୍‌ଥି ନ ପାଖାପାଖି ୭୦ ଲାଖ୍‌ନୁ ଅଏତ୍‌କା ଲୁକ୍‌କର୍ ଜୀବନ୍ ଯାଇଥିଲା । ଆଘୋନୁ ୧୯୨୦ ମସିହାଥି କୋଭିଡ୍ ବାଗିର୍ ସ୍ୱାନିସ୍ ଫ୍ଲୁ ମହାମାରିକେ ପୁର୍‌ଥି ଦେଖିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଇ ମାସର୍ ଶେଷ୍‌ତକ୍ ରାତିର୍ ତାପମାତ୍ରାଥି କେନ୍‌ସି ପ୍ରକାରର୍ ପରିବର୍ତନ୍ ନାଇଁ ହୁଏ । ରାଜ୍ୟର୍ ଦକ୍ଷିଣ୍, ଉତର୍‌ପଶ୍ଚିମ ଆଉ ଆଭ୍ୟନ୍ତରିଣ୍ ଜିଲ୍ଲାମାନ୍‌କେ ରାତିର୍ ସ୍ୱାଭାବିକ୍ ସବୁନୁ କମ୍ ତାପମାତ୍ରାନୁ ଗୁଟେ କି ୨ ଡିଗ୍ରୀ କମ୍‌ବାର୍ ସମ୍ଭାବନା ଅଛେ । ଗଲାକାଏଲ୍ କୋରାପୁଟ୍ ନ ସବୁନୁ କମ୍ ତାପମାତ୍ରା ୪ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ଥିଲା । ନୂଆଁ ବଛର୍ ମୁଲ୍ ହେଉନ୍‌ସାର୍ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ ।